## ୨୧ ଆକ୍ରାନ୍ତ, ୮ ସୁସ୍ଥ

ଢେଙ୍କାନାଳ ଅଫିସ-ଢେଙ୍କାନାଳ ଜିଲାରୁ ବୁଧବାର ୨୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୮ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ସଦର ବ୍ଲକରୁ ୬, ହିନ୍ଦୋଳ ବ୍ଲକରୁ ୬, ଢେଙ୍କାନାଳ ପୌରାଞ୍ଚଳରୁ ୩, କାମାକ୍ଷାନଗର ବ୍ଲକ, ଏନ୍‌ଏସି, ଭୁବନ ବ୍ଲକ, ଓଡାପଡା ବ୍ଲକ, ଗଁଦିଆ ବ୍ଲକରୁ ଜଣେ ଲେଖାଏ ରହିଛନ୍ତି। ଅନ୍ୟ ଜଣେ ଚିକିତ୍ସାଳୟକୁ ଆସିଥିବା ବେଳେ ପରୀକ୍ଷାରୁ କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୦୪୫ରେ ପହଞ୍ଚିଛି। ସେହିପରି ୫,୮୩୦ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସଂକ୍ଷେପରେ

## ପୋଲ ତଳକୁ ଖସିପଡ଼ିଲା ବାଇକ୍: ଆରୋହୀ ମୃତ

**ଢେଙ୍କାନାଳ ଅଫିସ, ୨୮।୪:** ଢେଙ୍କାନାଳ ସହରସ୍ଥିତ ଶକ୍ତିସୁଗାର କମ୍ପାନୀ ନିକଟସ୍ଥ ୫୫ନଂ. ଜାତୀୟ ରାଜପଥର ବଡ଼ଯୋରା ପୋଲ ତଳକୁ ବୁଧବାର ଭୋର ସମୟରେ ଏକ ବାଇକ୍ ଖସିପଡ଼ିଥିଲା। ଏଥିରେ ବାଇକ୍ ଆରୋହୀ ମୁନାରଞ୍ଜନ ନାୟକ ଓରଫ ଲିଟୁ (୨୭)ଙ୍କ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ରଶ୍ମିରଞ୍ଜନ ନାୟକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଘର କାମାକ୍ଷାନଗର ଉପଖଣ୍ଡ ସମାଟାଙ୍ଗୀ ଅଞ୍ଚଳରେ। ଢେଙ୍କାନାଳ ମହିଷାପାଟସ୍ଥିତ ସମ୍ପର୍କୀୟଙ୍କ ଘରକୁ ଆସି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୧୮୨/୨୧ରେ ଏକ ମାମଲା ରୁଜୁ କରାଯାଇଛି।

## ପ୍ରସ୍ତାବିତ ମଦ ଦୋକାନ ସ୍ଥାନାନ୍ତର ଦାବି

**ଢେଙ୍କାନାଳ ଅଫିସ, ୨୮।୪:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଧୀନ ତାରିଣୀ ମନ୍ଦିର ଛକଠାରୁ ସାପ୍ତାହିକ ହାଟଛକ ମଧ୍ୟରେ ଥିବା ସର୍ବସାଧାରଣ ଜାଗାରେ ଏକ ମଦ ଦୋକାନ ଖୋଲିବାକୁ ଯୋଜନା କରାଯାଉଛି। ଉକ୍ତ ପ୍ରସ୍ତାବିତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ସ୍ଥାନୀୟ ବାସିନ୍ଦା ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଅଞ୍ଚଳରେ ସାପ୍ତାହିକ ହାଟ, ରନ୍ଧନ ଗ୍ୟାସ୍ ଡିପୋ, ବିଦ୍ୟାଳୟ, ମନ୍ଦିର ରହିଛି। ମଦ ଦୋକାନ ହେଲେ ଏହାର କୁପ୍ରଭାବ ଅଞ୍ଚଳବାସୀଙ୍କ ଉପରେ ପଡ଼ିବ। ଶାନ୍ତିଭଙ୍ଗ ହେବା ଆଶଙ୍କା ରହିଛି। ତେଣୁ ଦାବିକୁ ଗୁରୁତ୍ୱର ସହ ବିଚାର କରିବାକୁ ପଦ୍ମଲୋଚନ ସାହୁ, ନଳିନୀକାନ୍ତ ମହାରଣା, ସରୋଜ କୁମାର ସାହୁ, ବୈରାଗୀ ଦାସ, ଗଙ୍ଗାଧର ସାହୁ, ପ୍ରଭାତୀ ସ୍ୱାଇଁ, ଲିଜା ସ୍ୱାଇଁ, କୁନ୍ତଳା ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ପ୍ରଶାସନ ଦାବି ପୂରଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଚୋରା କୋଇଲା ଭର୍ତ୍ତି ହାଇୱା ଜବତ



**ପରଜଙ୍ଗ, ୨୮।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପୋଲିସ ରେଙ୍ଗାଳି ବାମପାର୍ଶ୍ୱ କେନାଲ ରାସ୍ତାର ବସୁଲେଇ ଗ୍ରାମ ନିକଟରୁ ବୁଧବାର ଏକ ଚୋରା କୋଇଲା ବୋଝେଇ ହାଇୱା (ନଂ. ଆର୍ ୦୬ ଜି ୪୧୧୯) ଜବତ କରିଛି। ଉକ୍ତ ଗାଡିରେ ତାଳଚେର ଅଞ୍ଚଳରୁ ଚୋରା କୋଇଲା ଚାଲାଣ ହେଉଥିଲା। ସୂଚନା ପାଇ ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଡ୍ରାଇଭର ଗାଡ଼ିସହ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବାବେଳେ ବସୁଲେଇ ଗାଁ ନିକଟରେ ପୋଲିସ ମାଡ଼ି ବସିଥିଲା। ଅଭିଯୁକ୍ତ ଗାଡ଼ି ଚାଳକ ଅନୁଗୋଳ କଲିଯାରି ଥାନା ଦେଉଳବେଡା କେନ୍ଦୁବଣିଆ ସାହିର ତ୍ରିନାଥ ଭୂତିଆଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୧୬୭/୨୧ରେ ଏକ ମାମଲା ରୁଜୁ ହୋଇଛି। ଗାଡ଼ିର ମାଲିକ ସମଲ ଅଞ୍ଚଳର। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଦଳିତ ସାହିରେ ଜଳ ସଙ୍କଟ

**କାମାକ୍ଷାନଗର, ୨୮।୪(ଡି.ଏନ୍.ଏ.)**



ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି।

- ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଲେ ମହିଳା
- ପ୍ରତିଶ୍ରୁତି ପରେ ହଟିଲେ ଆନ୍ଦୋଳନକାରୀ

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମହୁଲପାଳ ଦଳିତ ସାହିରେ ଜଳକଷ୍ଟ ଉତ୍କଟ ହୋଇଛି। ବିନା କୌଣସି ସୂଚନାରେ ପାଇପ୍ ପାଣି ଯୋଗାଣ ବନ୍ଦ କରି ଦିଆଯିବା ପରେ ଏପରି ସମସ୍ୟା ସୃଷ୍ଟି ହୋଇଛି। ଏହାର ପ୍ରତିବାଦର ମହିଳାମାନେ ବୁଧବାର ମହୁଲପାଳ ଛକରେ କାମାକ୍ଷାନଗର-ଢେଙ୍କାନାଳ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା।

ଆନ୍ଦୋଳନକାରୀ ମହିଳାଙ୍କ କହିବା କଥା, ସାହିକୁ ପିଇବା ପାଣି ଯୋଗାଣ ଲାଗି ପାଇପ୍ ବିଛାଯାଇଛି। ତେବେ ଦଳିତ ସାହି ଗ୍ରାମର ତଳମୁଣ୍ଡରେ ଥିବାରୁ ଆବଶ୍ୟକତା ଅନୁଯାୟୀ ପାଣି ଆସୁ ନାହିଁ। ବହୁକଷ୍ଟରେ ଲୋକେ ପାଣି ସଂଗ୍ରହ କରୁଥିଲେ। ହଠାତ୍ ଦୁଇଦିନ ହେଲା ଜଳଯୋଗାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଛି। ଗ୍ରୀଷ୍ମପ୍ରବାହ ବଢୁଥିବାବେଳେ ବିଭାଗର ଏଭଳି ନିଷ୍ପତ୍ତି ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ରାସ୍ତାରୋକୋ ଯୋଗୁ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ସୂଚନା ପାଇ ବିଡିଓ ବିକାଶ ମହାନ୍ତି, କନିଷ୍ଠ ଯନ୍ତ୍ରୀ ପ୍ରହଲ୍ଲାଦ ନାଥ, ପୋଲିସ ଏସ୍‌ଆଇ ସୁକାନ୍ତ କୁମାର ବାରିକ ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଗୁରୁବାର ସୁଦ୍ଧା ସାହିକୁ ଜଳଯୋଗାଣ ସ୍ୱାଭାବିକ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଏ ସଂକ୍ରାନ୍ତରେ ଯନ୍ତ୍ରୀ ନାଥ କୁହନ୍ତି, ସାହିକୁ ଜଳଯୋଗାଣ ସ୍ୱାଭାବିକ ହେଉ ନ ଥିଲା। ଏଥିଲାଗି ନୂତନ ପାଇପ୍ ବିଛାଯିବା ସହ ମରାମତି କାମ ଚାଲିଛି। ତେଣୁ ସାମୟିକ ଭାବେ ଜଳଯୋଗାଣ ବନ୍ଦ କରିଦିଆଯାଇଛି। ଗୁରୁବାର ସୁଦ୍ଧା ଏହାର ସମାଧାନ ହୋଇଯିବ। ଲୋକଙ୍କୁ ଯେପରି ପାଣି ମିଳିବ, ବିଭାଗ ପକ୍ଷରୁ ସେହି ବ୍ୟବସ୍ଥା କରାଯାଉଥିବା ସେ ସୂଚନା ଦେଇଛନ୍ତି।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାଡ଼

**ଢେଙ୍କାନାଳ ଅଫିସ, ୨୮।୪**

- ଯାଉଁଳିପୋଖରୀ ମଠରେ ବିବାଦ ଘନେଇଲା
- ଘଟଣାର ବିଧିବଦ୍ଧ ତଦନ୍ତ ଦାବି

ଢେଙ୍କାନାଳର ଐତିହ୍ୟସମ୍ପନ୍ନ ଯାଉଁଳି ପୋଖରୀ ମଠର କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସାଧୁ ପ୍ରଭୁପାଦ ଦାସଙ୍କୁ ଗତ ୨୬ ତାରିଖରେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ଦିନ ସନ୍ଧ୍ୟା ୭ଟାରେ ଏଣ୍ଡାଓମେଣ୍ଟ ଇନ୍ସପେକ୍ଟର ଯାଞ୍ଚ କାର୍ଯ୍ୟରେ ମଠକୁ ଆସିଥିଲେ। ମଠର ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଯାଞ୍ଚ କାର୍ଯ୍ୟ ଚାଲିଥିବାବେଳେ ସେଠାରେ ଉପସ୍ଥିତ ସଭ୍ୟ ପ୍ରଦୀପ ଦାଶ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଭିତରେ କଥା କଟାକଟି ହୋଇଥିଲା। ନିର୍ବାହୀ ଅଧିକାରୀଙ୍କୁ ମାଡ଼ ମରାଯାଇଥିବା ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଛି। ଜୀବନ ପ୍ରତି ବିପଦ ରହିଛି। ତେଣୁ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେ ପୋଲିସକୁ ନିବେଦନ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ନଂ. ୧୮୧/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ପ୍ରଦୀପ ଏବଂ ଅନ୍ୟ କେତେଜଣ ସଦସ୍ୟ ପ୍ରଭୁପାଦଙ୍କ ନାମରେ ଅନିୟମିତତା ଅଭିଯୋଗ ଆଣିଛନ୍ତି। ଏ ନେଇ ଥାନାରେ ଷ୍ଟେଶନ ଡାଏରୀ କରାଯାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ଅପରପକ୍ଷେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାଡ଼ ମରାଯିବା ଘଟଣାକୁ ଦେବ ସେନା ସଙ୍ଗଠନ ଦୃଢ଼ ନିନ୍ଦା କରିଛି। ସାଧୁ ପ୍ରଭୁପାଦଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇଦେବା ପାଇଁ ଅନୁଷ୍ଠାନର ଅଭିଷେକ ବେହେରା, ରାକେଶ ପଣ୍ଡା, ଶିଶିର ଶତପଥୀ, ପ୍ରକାଶ ସେନାପତି, ସୁବ୍ରତ ମୁଦୁଲି ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ମାଡ଼ମାରିବା ଘଟଣାକୁ ପ୍ରଦୀପ ଅସ୍ୱୀକାର କରିଥିବାବେଳେ ପ୍ରଭୁପାଦ ତାଙ୍କୁ ପ୍ରଥମେ ଗାଳିଗୁଲଜ କରିଥିବା ପ୍ରତିକ୍ରିୟାରେ କହିଛନ୍ତି। ଏଥିସହ ଅନିୟମିତତା ଅଭିଯୋଗର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ

**ଭୁବନ, ୨୮।୪(ଡି.ଏନ୍.ଏ.)**





ଦାବିପତ୍ର ପ୍ରଦାନ ବେଳେ ଭାଜପା କର୍ମକର୍ତ୍ତା।

- ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର
- କାର୍ଯ୍ୟାଳୟ ଘେରିବାକୁ ଚେତାବନୀ

ଢେଙ୍କାନାଳ ଜିଲା ଭୁବନ ଭାଜପା ପକ୍ଷରୁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ କରାଯାଇଛି। ଏଭଳି ଗ୍ରାହକ ଶୋଷଣ ନୀତିର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି।

ଟାଟା କମ୍ପାନୀକୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ହସ୍ତାନ୍ତର କରାଯିବା ପରେ ଗତ ଏପ୍ରିଲ ୪ରୁ ବିଜୁଳି ଦରବୃଦ୍ଧି କରାଯାଇଛି। ମାର୍ଚ୍ଚରୁ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ଆଦାୟ କରାଯାଉଛି, ଯାହାକୁନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ନିୟମ ଅନୁଯାୟୀ ମାସର ୨୮ ଦିନ ଭିତରେ ବିଦ୍ୟୁତ୍ ବିଲ୍ ଦେବା ଲାଗି ସ୍ଥିର କରାଯାଇଛି। ହେଲେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୪୨ ଦିନର ବିଲ୍ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଉଛି। ୫୦ରୁ ୬୦ ୟୁନିଟ୍ ବିଦ୍ୟୁତ୍ ବ୍ୟୟ କଲେ ୨ଟଙ୍କା ୭୦ ପଇସା ଦେବାକୁ ପଡ଼ିବ ବୋଲି ମୂଲ୍ୟ ଧାର୍ଯ୍ୟ ହୋଇଛି। ତେବେ ବିଭାଗ ପକ୍ଷରୁ ବର୍ଦ୍ଧିତ ୟୁନିଟ୍ ପିଛା ୩ ଟଙ୍କା ହିସାବରେ ବିଲ୍ ଦିଆଯାଇଛି। ଏଥିରେ ସଂଶୋଧନ କରା ନ ଗଲେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଭାଜପା ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା, ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ନିର୍ମଳ ପୋଥାଳ, ମାୟାଧର ଗୁରୁ, ନିର୍ମଳ ଗୁରୁ, ସଞ୍ଜୟ ସାହୁ, ଗୋପାଳ ମଲିକ, ବିଜୟ ନାୟକ, ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ହୃଷୀକେଶ ଦାସ କୁହନ୍ତି, ସରକାରୀ ନିୟମ ଆଧାରରେ ବିଲ୍ ପ୍ରଦାନ କରାଯାଉଛି। କୌଣସି ସ୍ଥାନରେ ତ୍ରୁଟିବିଚ୍ୟୁତି ରହୁଥିବା ଅଭିଯୋଗ ଆସିଲେ ସଂଶୋଧନ କରାଯିବ।

## ନିଯୁକ୍ତି ନ ମିଳିଲେ ଆତ୍ମାହୁତି ଚେତାବନୀ

**ତାଳଚେର, ୨୮।୪(ନି.ପ୍ର.)**

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) କର୍ତ୍ତୃପକ୍ଷ ୮୮୯ଜଣ ଶ୍ରମିକଙ୍କୁ ଛଟେଇ କରିଛନ୍ତି। ୭ ଦିନ ମଧ୍ୟରେ କାମରେ ପୁନଃ ନିୟୋଜିତ ନ କଲେ ସମ୍ପୃକ୍ତ ଶ୍ରମିକମାନେ ସାମୂହିକ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଶ୍ରମିକମାନେ ଜିଲାପାଳ, ଏସ୍‌ପି, ସମ୍ବଲପୁର ଆରଡିସି, ତାଳଚେର ଉପଜିଲାପାଳ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ, କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଟିଟିପିଏସ୍ କର୍ତ୍ତୃପକ୍ଷ ୮୮୯ ଜଣ ଜମିହରାଙ୍କୁ ଥଇଥାନ ଯୋଜନାରେ ବିଭିନ୍ନ ଠିକା ସଂସ୍ଥାରେ ନିଯୁକ୍ତି ଦେଇଥିଲେ। ଗତ ଏପ୍ରିଲ ୧ରୁ ପ୍ଲାଣ୍ଟ ବନ୍ଦ ହେବା ପରେ ସେମାନଙ୍କୁ ହଠାତ୍ କାର୍ଯ୍ୟରୁ ଅନ୍ତର କରିଦିଆଗଲା। କରୋନା ସମୟରେ ଛଟେଇ ନ କରିବାକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାମ କରିଥିବା ଶ୍ରମିକଙ୍କୁ ବାହାର କରିଦିଆଯିବା ଅମାନବୀୟ। ତୁରନ୍ତ ଟିଟିପିଏସ୍ କାର୍ଯ୍ୟକ୍ଷମ କରାଇବା ସହ ଛଟେଇ ଶ୍ରମିକଙ୍କୁ ୭ଦିନ ଭିତରେ ପୁନଃନିଯୁକ୍ତି କରିବାକୁ ସେମାନେ ଦାବି କରିଛନ୍ତି। ଏହା ନ ହେଲେ ଛଟେଇର ଶିକାର ହୋଇଥିବା ଶ୍ରମିକମାନେ ସାମୂହିକ ଆତ୍ମାହୁତି ଦେବେ। ଏଥିଲାଗି ପ୍ରଶାସନ ଦାୟୀ ରହିବ ବୋଲି ଏକତାମଞ୍ଚ ସଭାପତି ପ୍ରଦୀପ କୁମାର ସାମଲ, ସାଧାରଣ ସମ୍ପାଦକ ବିନୋଭା ନନ୍ଦ ତ୍ରିପାଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଓକିଲ ସଂଘର ନୂତନ କୋଠା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**ଭୁବନ, ୨୮।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଓକିଲ ସଂଘର ୧୩ତମ ବାର୍ଷିକ ଉତ୍ସବ ଓ ମଧୁବାବୁଙ୍କ ଜୟନ୍ତୀ ସ୍ଥାନୀୟ କୋର୍ଟ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାର୍ ଆସୋସିଏଶନର ନୂତନ କୋଠା ଉଦ୍‌ଘାଟିତ ହୋଇଥିଲା। ସଂଘ ସଭାପତି ବାବୁଲି ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ଶ୍ରୀଚନ୍ଦନ ଦାସ, ମୁଖ୍ୟବକ୍ତା ହାଇକୋର୍ଟର ଅଧିବକ୍ତା ବିଷ୍ଣୁପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ସାରଙ୍ଗଧର ସାହୁ ଯୋଗଦେଇ ମଧୁ ବାରିଷ୍ଟରଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅତିଥିମାନେ ଆଇନଜୀବୀଙ୍କ କର୍ତ୍ତବ୍ୟ, ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ସାରଙ୍ଗଧର ସାହୁ, ରବୀନ୍ଦ୍ର ଦାଶ, କୁଞ୍ଜବିହାରୀ ଚିନ୍ନରା, ରାମଚନ୍ଦ୍ର ବିହାରୀ, ବାବୁଲି ସେଠୀ ସମ୍ବର୍ଦ୍ଧିତ ହୋଇଥିଲେ। ସଂଘର ଉପସଭାପତି ନିରଞ୍ଜନ ଜେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୟନ୍ତୀରେ ମନେପଡ଼ିଲେ ମଧୁବାବୁ



ପରଜଙ୍ଗରେ ଆୟୋଜିତ ମଧୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ/ପରଜଙ୍ଗ (ଡି.ଏନ.ଏ.), ୨୮।୪**

ଢେଙ୍କାନାଳ ଉତ୍ଫୁଲ୍ଲ ଅନୁଷ୍ଠାନ ପକ୍ଷରୁ ବୁଧବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ ଯୋଗଦେଇ କହିଲେ, ଲୋକମାନଙ୍କ ସେବାରେ ମଧୁବାବୁଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା। ସେ ଥିଲେ ଜଣେ ସ୍ୱାଭିମାନୀ ଓଡ଼ିଆ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କ ଅବଦାନ ଅତୁଳନୀୟ। ସଙ୍ଗଠନର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ସମାଜବାଦୀ ନେତା ସରୋଜ ଶତପଥୀ, ପରିବେଶବିତ୍ ଉପେନ୍ଦ୍ର ରାଉତ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବିବାହାଦୁର ପାଟସାହାଣୀ, ଆଇନଜୀବୀ ଦୀପ୍ତିମୟ ପଟ୍ଟନାୟକ, ଅଧ୍ୟାପିକା ମଞ୍ଜୁଶ୍ରୀ ମୁଖୀ, ସୌଭାଗ୍ୟ ବିଶ୍ୱାଳ, ବିଳାସିନୀ ପଟ୍ଟନାୟକ, ବିପିନ ବିହାରୀ ବେହେରା, ଦିଲୀପ ନନ୍ଦ ପ୍ରମୁଖ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏହି ଉପଲକ୍ଷେ ବିଶିଷ୍ଟ କଥାକାର ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟାଳୟ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

ସେହିପରି ପରଜଙ୍ଗସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ବାର୍ ଆସୋସିଏଶନ ତରଫରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ବିପିନ ବିହାରୀ ପାଣିଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦୀପ ସାହୁ, ସହ ସମ୍ପାଦକ ବେଣୁଧର ସାହୁ, ଉପ ସଭାପତି ସଦାଶିବ ମଲ୍ଲିକ, ସରକାରୀ ଓକିଲ ସନ୍ତୋଷ ସାହୁ, ପ୍ରଦୀପ ସାମନ୍ତ, ଅଶୋକ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ଉନେନ୍ଦ୍ର କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଝାନ୍ସୀକୁ ଯୁବତୀ ଚାଲାଣ ଅଭିଯୋଗ, ମହିଳା ଗିରଫ

**ବଇଣ୍ଡା, ୨୮।୪(ଡି.ଏନ.ଏ.)**

ଯୁବତୀଙ୍କୁ ପ୍ରଲୋଭିତ କରି ରାଜ୍ୟ ବାହାରକୁ ଚାଲାଣ କରୁଥିବା ଅଭିଯୋଗରେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପୋଲିସ ମଙ୍ଗଳବାର ବରହମ ଗ୍ରାମର ସୁଷମା ଭୋଇଙ୍କୁ ଗିରଫ କରିଛି। ଅଭିଯୁକ୍ତାଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି। ଆଇଆଇସି ପୀତାମ୍ବର ମଲ୍ଲିକ କୁହନ୍ତି, ସୁଷମା ଠାକୁରଗଡ଼ ଥାନା ଅଞ୍ଚଳରୁ ଯୁବତୀଙ୍କୁ ପ୍ରଲୋଭିତ କରି ଝାନ୍ସୀ ଚାଲାଣ କରୁଥିଲେ। ଏ ନେଇ ତାଙ୍କ ନାମରେ ୨୦୧୮ରେ ଏକ ମାମଲା ରୁଜୁ ହୋଇଥିବାବେଳେ ସେ ଫେରାର ଥିଲେ। ମଙ୍ଗଳବାର ସୁଷମା ଘରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ଘଟଣାର ଅଧିକ ତଦନ୍ତ ଜାରି ରହିଛି।


## ଭାରତୀୟ ରିଜର୍ଭ ବ୍ୟାଙ୍କ

ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା

କାର୍ଯ୍ୟାଳୟରେ ଯୋଗାଣକାରୀ/ମୁଦ୍ରକମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଟେଣ୍ଡର ବିଜ୍ଞପ୍ତି
(ପ୍ୟାନେଲ ବର୍ଷ ଜୁଲାଇ ୨୦୨୧- ମାର୍ଚ୍ଚ ୨୦୨୪)

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ସ୍ୱୀକୃତି ପ୍ରାପ୍ତ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଇଚ୍ଛୁକ ଲିଖନ ସାମଗ୍ରୀ, କମ୍ପ୍ୟୁଟର ସାମଗ୍ରୀ ଏବଂ ସଫେଇ ସାମଗ୍ରୀଗୁଡ଼ିକର ଯୋଗାଣକାରୀ/ମୁଦ୍ରକମାନଙ୍କ ଠାରୁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରୁଅଛି। ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ଏବଂ ଆବେଦନ ପତ୍ର ପାଇଁ ଦୟାକରି ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in)ରେ ଥିବା "Tender" ବିଭାଗ ଦେଖନ୍ତୁ (https://www.rbi.org.in/Scripts/BS_ViewTenders.aspx)
ନିର୍ଦ୍ଦିଷ୍ଟ ଆବେଦନ ପତ୍ର ଏବଂ ବିସ୍ତୃତ ବିବରଣୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସି.ଆର୍.ଡ଼ି.ଏସ୍., ଏଚ୍.ଆର୍.ଏମ୍.ଡି., ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୦୧ରୁ ମଧ୍ୟ ସଂଗ୍ରହ କରାଯାଇ ପାରିବ। ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୨୦ ମଇ, ୨୦୨୧ ।
ଅଧିକାରପ୍ରାପ୍ତ ହସ୍ତାକ୍ଷରକର୍ତ୍ତା

## OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA

E-mail: eerwssnpd@rediffmail.com

1st Corrigendum to Bid Identification No. RWS&S_02/2021-22

No.O-109:- Remaining unaltered of all terms and conditions, the following changes are hereby made to Bid Identification No. RWS&S_02/2021-22 of the Executive Engineer, RWS&S Division, Nuapada by virtue of this corrigendum as mentioned below:

| As per Original NIT | As per Corrigendum |
|---|---|
| Date and Time of availability of bid document in the portal: 26.04.2021 at 10.00 A.M. | Date and Time of availability of bid document in the portal: 04.05.2021 at 10.00 A.M. |
| Last date /Time for receipt of bids in the portal : 05.05.2021 up to 5.00 P.M. | Last date /Time for receipt of bids in the portal : 11.05.2021 up to 5.00 P.M. |
| Date of Opening of bid: 07.05.2021 at 11.00 A.M. | Date of Opening of bid : 13.05.2021 at 11.00 A.M. |

Sd./- 27.04.21 (Er. G. C. Nayak)
Executive Engineer, RWSS Division, Nuapada
OIPR-25043/11/0005/2122

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

No. CAD-195

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପ୍ରତ୍ର ସଂଖ୍ୟା : ୨୨୦ ବିଜ୍ଞାପନ ତା. : ୧୬।୪।୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଡୁମୁଡୁମା, ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ-ଏଲ୍-୧୬୭୦ (L-1670) ଟି କୁ ଶ୍ରୀ ଅନୀଲ୍ କୁମାର ଦାଶ, ପି-ଏ ଦୁଃଖିଶ୍ୟାମ ଦାଶ, ସା/ପୋ- ଘାଟିକିଆ, ଥା- ଖଣ୍ଡଗିରି, ଜି-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ୍ କୁମାର ଦାଶ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମୋନାଲିସା ପଣ୍ଡା, ସ୍ୱା-ଶ୍ରୀ ଅରବିନ୍ଦ ପଣ୍ଡା, ସା/ପୋ- ମଧ ଶାସନ, ଥା- ବିରିଡ଼ି, ଜି- ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0030/2122


## ଫଟୋରେ ଖବର...



ଢେଙ୍କାନାଳ ଜିଲା ଭୁବନ ନୂଆବଜାରରେ ତାଳସଜର ପସରା।



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଲୟର୍ସ ଡେ' ଅବସରରେ ବୁଧବାର ଢେଙ୍କାନାଳ ସିଭିଲ କୋର୍ଟ ନିକଟରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ବିଚାରପତି ଏବଂ ଆଇନଜୀବୀମାନେ।

## ସଂକ୍ଷେପରେ

### ଜିଲାରେ ଟିକା ସଙ୍କଟ

**ଅନୁଗୋଳ ଅଫିସ,୨୮।୪:** ଅନୁଗୋଳ ଜିଲାରେ କରୋନା ଟିକା ସଙ୍କଟ ଦେଖାଦେଇଛି। ଗୁରୁବାର ଟିକା ପ୍ରଦାନ ସମ୍ପର୍କିତ ନିଷ୍ପତ୍ତି ହୋଇ ନ ଥିବାରୁ ଏହାକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି, ଯାହାକୁ ନେଇ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ସହ ମୋଟ ୩୬ଟି ଟିକାଦାନ କେନ୍ଦ୍ରରେ ଟିକାକରଣ କରାଯାଉଛି। ସରକାରଙ୍କ ନିୟମାବଳୀ ଅନୁଯାୟୀ ଟିକାସଂଖ୍ୟା ଶୂନ ଦେଖାଇଲେ ପୁଣି ଟିକା ପ୍ରଦାନ କରାଯିବ। କିନ୍ତୁ ବୁଧବାର ରାତି ୯ଟା ସୁଦ୍ଧା ଅନୁଗୋଳ ଜିଲାରେ ଟିକା ନାହିଁ ବୋଲି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇ ନାହିଁ। ଫଳରେ ଗୁରୁବାର ଆସିବାକୁ ଥିବା ଟିକାକୁ ନେଇ ଦ୍ୱନ୍ଦ ଦେଖାଦେଇଛି। ପାଲଲହଡ଼ା ବ୍ଲକକୁ ବାଦ୍‌ଦେଲେ ଜିଲାର ଅନ୍ୟ ସମସ୍ତ ଟିକାଦାନ କେନ୍ଦ୍ରରେ ଟିକା ସରିଯାଇଛି। ପାଲଲହଡ଼ାରେ ଶହେରୁ ଦେଢ଼ଶହ ଟିକା ବଳକା ରହିଛି। ଫଳରେ ଅନ୍ୟ ସେଣ୍ଟରକୁ ଟିକା ଆସିବା ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର କୋଭିଡ୍ ଦାୟିତ୍ୱରେ ଥିବା ଏଡିଏମ୍‌ଓ ଧନଞ୍ଜୟ ବେହେରା କହିଛନ୍ତି, ଟିକାଦାନ ଚାଲୁ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଛି। ହେଲେ କୌଣସି ଉତ୍ତର ଆସି ନାହିଁ। ଉତ୍ତର ଆସିବା କ୍ଷଣି ତୁରନ୍ତ ଗାଡ଼ି ପଠାଯାଇ ଟିକା ଅଣାଯିବ। ସେହିପରି ଟିକା ଶୂନ୍ୟ ହୋଇ ନ ଥିବା ଟିକାଦାନ କେନ୍ଦ୍ରକୁ ଆଗକୁ ଟିକା ପରିମାଣ କମାଇ ଦିଆଯିବ। ଏ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ପ୍ରତି ପଞ୍ଚାୟତରେ ଟିକାକରଣ କେନ୍ଦ୍ର ଖୋଲିବା ପାଇଁ ଦାବି

**ଅନୁଗୋଳ ଅଫିସ,୨୮।୪:** କରୋନା ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଉପଯୁକ୍ତ ଚିକିତ୍ସା ନ ପାଇ ବହୁ ଲୋକ ପ୍ରାଣ ହରାଉଛନ୍ତି। କରୋନା ମହାମାରୀକୁ ପ୍ରତିହତ ପାଇଁ ୧୮ରୁ ୪୫ବର୍ଷ ମଧ୍ୟରେ ସମସ୍ତଙ୍କୁ ମାଗଣା ଟିକାକରଣ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଆବଶ୍ୟକ ସଂଖ୍ୟକ ଟିକା ଓ ଟିକାକରଣ କେନ୍ଦ୍ର ଅଭାବରୁ ଏପର୍ଯ୍ୟନ୍ତ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଟିକାକରଣ କରାଯାଇ ପାରିନାହିଁ। ଟିକାକରଣ ସଫଳ କରିବା ଲାଗି ଆବଶ୍ୟକ ସଂଖ୍ୟକ ଟିକା ଯୋଗାଇବା ସହିତ ପ୍ରତି ପଞ୍ଚାୟତରେ ଟିକାକରଣ କେନ୍ଦ୍ର ଖୋଲିବା ପାଇଁ 'ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି' ପକ୍ଷରୁ ଦାବି କରାଯାଇଛି। ଏଥିସହିତ ତାଳଚେର କୋଭିଡ୍ ଡାକ୍ତରଖାନାକୁ କାର୍ଯ୍ୟକ୍ଷମ କରିବା, ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଚିକିତ୍ସା କେନ୍ଦ୍ର ଖୋଲିବା, ପ୍ରତି ପଞ୍ଚାୟତରେ କୋଭିଡ୍ କେୟାର ସେଣ୍ଟର ଖୋଲିବା, ପ୍ରତି ଗାଁ, ସାହିକୁ ସାନିଟାଇଜ୍ କରିବା, ସାମାଜିକ ଦୂରତ୍ୱ, ମାସ୍କ ପରିଧାନକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ କମିଟିର ଆବାହକ ପ୍ରମୋଦ ପ୍ରଧାନ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ, ନିରୋଦ ପାଳ, ଅଶୋକ ପ୍ରଧାନ, ଦାମୋଦର ଦାସ, ହେମନ୍ତ ଦାସ, ତ୍ରିଲୋଚନ ଜେନା ପ୍ରମୁଖ ଦାବି କରିଛନ୍ତି।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ମାଧପୁର, ୨୮।୪:** ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ପାତ୍ରପଡ଼ା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ସୌରୀ ନାୟକ ଏବଂ ଭଗବାନ ନାୟକଙ୍କ ୪ ବଖରା ଘର ଜଳିଯାଇଥିଲା। ବୁଧବାର ସକାଳେ ସ୍ଥାନୀୟ ଆର୍ଯ୍ୟାନ୍ ଟ୍ରଷ୍ଟର ସଦସ୍ୟମାନେ ପହଞ୍ଚି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ବସ୍ତ୍ର ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଟ୍ରଷ୍ଟ ସଭାପତି ନିରଞ୍ଜନ ହୋତା, ସମ୍ପାଦକ ବିଶ୍ୱରଞ୍ଜନ ବିଶ୍ୱାଳ, କୋଷାଧକ୍ଷ ସୁନନ୍ଦ ମହାଖୁଡ, ରତ୍ନକାନ୍ତ ସାହୁ, ନାରାୟଣ ସାହୁ, ଅଜିତ ମହାଖୁଡ, ଲେୟନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ଦୋକାନ ସିଲ୍

**ମାଧପୁର,୨୮।୪:** କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ବଜାରରେ ଥିବା ୩ଟି ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ବୁଧବାର ମାଧପୁର ସପ୍ତାହିକ ହାଟ ଥିବାରୁ ବଜାରରେ ଗହଳି ପରିଲକ୍ଷିତ ହୋଇଥିଲା। ଖବରପାଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ତହସିଲଦାର ସ୍ୱରୂପାନନ୍ଦ ସାହୁ, ଆଠମଲ୍ଲିକ ପୋଲିସ ଚଢାଉ କରି କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଦୋକାନଗୁଡ଼ିକୁ ସିଲ୍ କରିଥିଲେ।

# ସଙ୍ଗିନ ହେଉଛି ସ୍ଥିତି

- ଦୁଇଦିନରେ ୭୦୦ ପାର୍, ପ୍ରଶାସନର ଚିନ୍ତା ବଢୁଛି
- ୨ ବ୍ଲକ, ପୌରପାଳିକାରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍
- ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିବାକୁ ବ୍ୟବସାୟୀଙ୍କ ନିଷ୍ପତ୍ତି

**ଅନୁଗୋଳ ଅଫିସ, ୨୮।୪**



ଅନୁଗୋଳ ବଜାର।

ଅନୁଗୋଳ ଜିଲାରେ କରୋନା ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଗତ ଦୁଇଦିନ ଭିତରେ ସଂକ୍ରମଣ ୭୦୦ ପାର୍ କରିଛି। ମଙ୍ଗଳବାର ୨ୟ ଲହରରେ ରେକର୍ଡ ସଂଖ୍ୟକ ସଂକ୍ରମିତ (୩୯୩) ଚିହ୍ନଟ ହୋଇଥିବାବେଳେ ବୁଧବାର ୩୩୬ ଜଣ ପଜିଟିଭ୍ ବାହାରିଛନ୍ତି। ଏଭଳି ଉପରମୁହାଁ କରୋନା ଗ୍ରାଫ୍ ପାଇଁ ଚିନ୍ତାରେ ପଡ଼ିଛି ପ୍ରଶାସନ। ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଜିଲାର ୨ ବ୍ଲକ ଓ ଗୋଟିଏ ପୌରପାଳିକାରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ବ୍ୟବସାୟୀମାନେ ସ୍ୱତଃପ୍ରବୃତ୍ତ ଭାବେ ସରକାର ଧାର୍ଯ୍ୟ କରିଥିବା ସମୟ ପୂର୍ବରୁ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିବାକୁ ଆଲୋଚନା କରିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

ଜିଲାର ତାଳଚେର ଅଞ୍ଚଳରେ ସର୍ବାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସେହିପରି ବଣ୍ଡଁରପାଳ ଓ ଛେଣ୍ଡିପଦାରେ ସଂଖ୍ୟା ବଢୁଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତାଳଚେର ବ୍ଲକର ୩ ସ୍ଥାନକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି ସ୍ଥାନରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ସର୍ବସାଧାରଣ ଲୋକଙ୍କ ଯାତାୟାତ ବନ୍ଦ ରହିବ। କେବଳ ଅତ୍ୟାବଶ୍ୟକୀୟ କାର୍ଯ୍ୟ ଥିଲେ ଲୋକମାନେ ବାହାରକୁ ଆସିପାରିବେ। ସେହିପରି ତାଳଚେର ପୌରାଞ୍ଚଳରେ ମଧ୍ୟ ପୂର୍ବରୁ ଗୋଟିଏ ସ୍ଥାନକୁ କଣ୍ଟେନମେଣ୍ଟ ଜୋନ୍ କରାଯାଇଥିବାବେଳେ ବୁଧବାର ଅନ୍ୟ ଏକ ସ୍ଥାନରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଅନୁରୂପ ଭାବେ ଛେଣ୍ଡିପଦା ଓ ବଣ୍ଡଁରପାଳ ବ୍ଲକର ଦୁଇଟି ସ୍ଥାନକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। ଏହା ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହିପରି ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ଅତି ସଂକ୍ରମିତ ସ୍ଥାନକୁ ରେଡ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି ରେଡ୍ ଜୋନ୍‌ରେ ଜିଲାର ୧୭୧ ଗ୍ରାମାଞ୍ଚଳ ଥିବାବେଳେ ସହରାଞ୍ଚଳର ୨୬ ୱାର୍ଡ ରହିଛି। ତାଳଚେର ବ୍ଲକର ୩୬ ଗ୍ରାମାଞ୍ଚଳ ରେଡ୍‌ଜୋନ୍‌ରେ ଥିବାବେଳେ ବଣ୍ଡଁରପାଳ ବ୍ଲକର ୩୪, ଅନୁଗୋଳ ବ୍ଲକର ୨୭, ଆଠମଲ୍ଲିକ ବ୍ଲକର ୮, ଛେଣ୍ଡିପଦା ବ୍ଲକର ୬, କଣିହାଁ ବ୍ଲକର ୩୧, କିଶୋରନଗର ବ୍ଲକର ୨୧ ଏବଂ ପାଲଲହଡ଼ା ବ୍ଲକର ୧୦ ଗ୍ରାମାଞ୍ଚଳକୁ ରେଡ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ଅନୁଗୋଳ ପୌରାଞ୍ଚଳରେ ସବୁ ୱାର୍ଡ ରେଡ୍‌ଜୋନ୍‌କୁ ଆସିଛି। ତାଳଚେର ପୌରାଞ୍ଚଳର ୧୦ ଓ ୧୭ ନମ୍ବର ୱାର୍ଡ, ଆଠମଲ୍ଲିକ ଏନ୍ଏସିର ୬ ନମ୍ବର ୱାର୍ଡକୁ ରେଡ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ଏସବୁ ଅଞ୍ଚଳରେ ସ୍ୱତନ୍ତ୍ର ସ୍କ୍ରିନିଂ କରିବାକୁ ଏଏନ୍ଏମ୍, ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ନେଇ କମିଟି ଗଠିତ ହୋଇଛି। ଏମାନେ ରେଡ୍‌ଜୋନ୍ ଅଞ୍ଚଳର ଘର ଘର ବୁଲି ସ୍କ୍ରିନିଂ କରୁଛନ୍ତି।

କରୋନାର ଏହି ଚେନ୍ ଭାଙ୍ଗିବାକୁ ଆଗକୁ ଆସିଛନ୍ତି ଅନୁଗୋଳ, ବଣ୍ଡଁରପାଳ ଓ ଛେଣ୍ଡିପଦାର ଅଞ୍ଚଳର ବ୍ୟବସାୟୀ। ସେମାନେ ଦୋକାନ ବନ୍ଦ ରଖିବାକୁ ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଅନୁଗୋଳ ସହରାଞ୍ଚଳରେ ସରକାରଙ୍କ ନିର୍ଦ୍ଦେଶନାମା ପୂର୍ବରୁ ଅପରାହ୍ନରେ ଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଛେଣ୍ଡିପଦା ଓ ବଣ୍ଡଁରପାଳ ଅଞ୍ଚଳରେ ସନ୍ଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ କରିବାକୁ ଆଲୋଚନା କରାଯାଇଛି। ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୩୩୬ କରୋନା ଆକ୍ରାନ୍ତ ଚିହ୍ନଟ

ଅନୁଗୋଳ ଜିଲାରୁ ବୁଧବାର ୩୩୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୫,୦୦୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୫୬, ତାଳଚେର ବ୍ଲକରୁ ୪୫, କଣିହାଁ ବ୍ଲକରୁ ୪୫, ବଣ୍ଡଁରପାଳ ବ୍ଲକରୁ ୪୫, ଅନୁଗୋଳ ପୌରାଞ୍ଚଳରୁ ୪୩, ତାଳଚେର ପୌରାଞ୍ଚଳରୁ ୩୬, କିଶୋରନଗର ବ୍ଲକ୍‌ରୁ ୨୨, ପାଲଲହଡା ବ୍ଲକରୁ ୧୭, ଅନୁଗୋଳ ବ୍ଲକରୁ ୧୫, ଆଠମଲ୍ଲିକ ବ୍ଲକରୁ ୯ ଏବଂ ଏନ୍ଏସିରୁ ୩ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାରୁ ୬୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବଢ଼ିଲା ସିସିସି ବେଡ୍, ଇଏସ୍‌ଆଇରେ ଖୋଲିବ ନୂଆ ସିସିସି

ଅନୁଗୋଳ ଜିଲାରେ ଦୁଇ ଦିନ ହେଲା ଦୈନିକ କରୋନା ସଂକ୍ରମଣ ୩ ଶହ ଉପରେ ରହୁଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ତତ୍ପର ହୋଇଉଠିଛି। ଅନୁଗୋଳ ସହର ଉପଖଣ୍ଡ ପଞ୍ଚମହଲାରେ ଖୋଲାଯାଇଥିବା ଜିଲାର ପ୍ରଥମ କୋଭିଡ୍ କେୟାର ସେଣ୍ଟର (ସିସିସି)ରେ ପ୍ରଥମେ ୧୦୦ ଲୋକଙ୍କୁ ରଖିବା ପାଇଁ ବ୍ୟବସ୍ଥା ହୋଇଥିବାବେଳେ ଏବେ ଏହାକୁ ୧୫୦କୁ ବୃଦ୍ଧି କରାଯାଇଛି। ଏଠାରେ ଏବେ ୭୯ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ସେହିପରି ବଣ୍ଡଁରପାଳ ବ୍ଲକରେ ଥିବା ଇଏସ୍‌ଆଇଠାରେ ମଧ୍ୟ ଆଉ ଗୋଟିଏ ସିସିସି ଖୋଲିବାକୁ ଯୋଜନା କରାଯାଉଛି। ସେଠାରେ ୧୦୦ ଶଯ୍ୟା ବ୍ୟବସ୍ଥା କରାଯିବ। ବେଡ୍‌ର ବ୍ୟବସ୍ଥା କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସମୀକ୍ଷା କଲେ ଜିଲାପାଳ

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୁଧବାର ଜିଲାର କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ରୋଗୀମାନଙ୍କୁ ତୁରନ୍ତ ମେଡ଼ିକାଲ ଆଣିବା ପାଇଁ ପ୍ରତ୍ୟେକ ବ୍ଲକ୍ ଓ ପୌରାଞ୍ଚଳରେ ଆବଶ୍ୟକ ଆମ୍ବୁଲାନ୍ସ ମହଜୁଦ ରଖିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆମ୍ବୁଲାନ୍ସ ଦାୟିତ୍ୱରେ ଜଣେ ଡାକ୍ତରଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି କୋଭିଡ୍ ପରୀକ୍ଷା ପାଇଁ ହେଉଥିବା ଆର୍‌ଟି-ପିସିଆର ରିପୋର୍ଟକୁ ଗୋଟିଏ ଦିନ ପରେ ଦେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଜନସମାଗମକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ତାମଡା କଲ୍ୟାଣ ମଣ୍ଡପଠାରେ ୨ ନମ୍ବର ଟିକାକରଣ କେନ୍ଦ୍ର ଖୋଲାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଭିଡ଼ କମିବ ସହ ଟିକାକରଣ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଳୟ ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାଶ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କ ସହ ଆଲୋଚନା ହୋଇଛି



କରୋନା ସଂକ୍ରମଣ ବଢୁଥିବାର ସରକାର ରାତ୍ରୀକାଳିନ କର୍ଫ୍ୟୁ ଲାଗୁ କରିଛନ୍ତି। ଅନୁଗୋଳ ବ୍ୟବସାୟୀ ସଂଘ ନିଜ ତରଫରୁ ଦୋକାନ ବଜାର ବନ୍ଦ କରିବାକୁ ପ୍ରଶାସନ ସହ ଆଲୋଚନା କରିଛନ୍ତି। ବଣ୍ଡଁରପାଳ, ଛେଣ୍ଡିପଦାରେ ସନ୍ଧ୍ୟା ୬ଟା ପରେ ଏବଂ ଅନୁଗୋଳରେ ଅପରାହ୍ନ ପରେ ଦୋକାନ ବନ୍ଦ ପାଇଁ ଆଲୋଚନା ହୋଇଛି। ତେବେ ଏ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ।

**ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ**

### ୭ ସ୍ଥାନ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍



ତାଳଚେର ଉପଖଣ୍ଡ ଅଞ୍ଚଳର ୭ଟି ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଥିରେ ତାଳଚେର ବ୍ଲକର ୫ ସ୍ଥାନ ରହି ଥିବାବେଳେ ପୌରାଞ୍ଚଳରେ ୨ ୱାର୍ଡ ରହିଛି। ଏହି ସମୟରେ ଦୋକାନ ବଜାର ବନ୍ଦ ରଖିବାକୁ କୁହାଯାଇଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ, ଜଳ ଯୋଗାଣ, ବିଦ୍ୟୁତ୍, ପରିମଳ, ଚିକିତ୍ସା ପାଇଁ ଯାତାୟତ କରିବାକୁ ଲୋକଙ୍କୁ ଅନୁମତି ଦିଆଯିବ।

**ରଜନୀକାନ୍ତ ସ୍ୱାଇଁ, ତାଳଚେର ଉପଜିଲାପାଳ**

### ସଂକ୍ରମଣ ଚେନ୍ ଭାଙ୍ଗିବାକୁ ପ୍ରୟାସ



କରୋନା ସଂକ୍ରମଣ ଚେନ୍ ଭାଙ୍ଗିବାକୁ ପ୍ରୟାସ କରାଯାଉଛି। ବଣ୍ଡଁରପାଳ ବ୍ଲକର ତୁଳସୀପାଳ, ଛେଣ୍ଡିପଦା ଅଞ୍ଚଳର ଡଙ୍ଗାପାଳ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସାଧାରଣ ଲୋକଙ୍କ ପାଇଁ କରାଯାଇଥିବା ନିୟମ ମାନିବାକୁ ପଦକ୍ଷେପ ନିଆଯାଇଛି। ଅନୁଗୋଳ ଉପଖଣ୍ଡରେ ଥିବା ସମସ୍ତ ବ୍ଲକରେ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ଭାବେ କରୋନା ନିୟମ ପାଳନ କରିବାକୁ ଲୋକଙ୍କୁ ସଚେତନ କରାଯାଉଛି।

**ବାସୁଦେବ ଶତପଥୀ, ଅନୁଗୋଳ ଉପଜିଲାପାଳ**

### ଜନସାଧାରଣ ସହଯୋଗ କରିବା ଜରୁରୀ



ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଉପର ମୁହାଁ ହେବାରେ ଲାଗିଛି। ସଂକ୍ରମିତଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଲୋକମାନଙ୍କୁ ସଚେତନ କରିବାକୁ ପ୍ରଶାସନିକ ଅଧିକାରୀ ଦିନ ରାତି ଏକ୍ କରିଦେଇଛନ୍ତି। ତେଣୁ ଯେ କୌଣସି ପରିସ୍ଥିତିରେ ସଂକ୍ରମଣ ଚେନ୍ ଭାଙ୍ଗିବାକୁ ହେବ। ଏହି କାର୍ଯ୍ୟରେ ଜନସାଧାରଣଙ୍କ ସହଯୋଗ କରିବା ନିତାନ୍ତ ରୁରୀ।

**ପ୍ରତାପ ମହାପାତ୍ର, ସାମାଜିକ କର୍ମୀ**

# ରଶିରେ ତଣ୍ଟିଚିପି ହତ୍ୟା କରିଥିଲେ ସ୍ତ୍ରୀ, ପ୍ରେମିକ

### ମାନସ ବେହେରା ହତ୍ୟା ମାମଲା

**ଆଠମଲ୍ଲିକ, ୨୮।୪(ଡି.ଏନ.ଏ.)**

ଆଠମଲ୍ଲିକ ଥାନା କରଡ଼ାସିଂହ ଗ୍ରାମର ମାନସ ବେହେରା ହତ୍ୟାକାଣ୍ଡ ମାମଲାରେ ପୋଲିସ ଅଭିଯୁକ୍ତା ସ୍ତ୍ରୀ ସରସ୍ୱତୀ (୨୨) ଏବଂ ତାଙ୍କ ପ୍ରେମିକ ଗୋବର୍ଦ୍ଧନ ମିର୍ଦ୍ଧା (୨୪)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ରଶିକୁ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବିବାହିତା ସରସ୍ୱତୀଙ୍କ ପଡ଼ୋଶୀ ଗୋବର୍ଦ୍ଧନ ମିର୍ଦ୍ଧାଙ୍କ ସହିତ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଗତ ସୋମବାର ରାତିରେ ସରସ୍ୱତୀଙ୍କ ନିକଟକୁ ଗୋବର୍ଦ୍ଧନ ଯାଇଥିବାବେଳେ ମାନସଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଘଟଣା ପ୍ରଘଟ ହେବା ଆଶଙ୍କାରେ ସରସ୍ୱତୀ ଏବଂ ଗୋବର୍ଦ୍ଧନ ମିଳିତ ଭାବେ ଏକ ରଶି ସହାୟତାରେ ମାନସଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ଏ ନେଇ ମୃତକଙ୍କ ଭାଇ ଗୌତମ ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନମ୍ବର ୬୯/୨୧ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ପଚରାଉଚୁରା ବେଳେ ସେମାନେ ମାନସକୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏଥିସହ ଅଟୁ ଉପରେ ହତ୍ୟାକାଣ୍ଡରେ ବ୍ୟବହୃତ ରଶି ଲୁଚାଇ ରଖିଥିବା କହିଥିଲେ। ପୋଲିସ ଘରୁ ଉକ୍ତ ରଶି ଏବଂ ରକ୍ତଭିଜା କନ୍ଥାକୁ ଜବତ କରିଛି। ବୁଧବାର ଦୁଇ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି।

### ମା' ସହ ହାଜତକୁ ଗଲା ୭ ମାସର ପୁଅ

ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିଲେ ସରସ୍ୱତୀ। ପୋଲିସ ନିକଟରେ ଏହା ସ୍ୱୀକାର କରିବା ପରେ ଜେଲ ହାଜତକୁ ଯାଇଛନ୍ତି ଅଭିଯୁକ୍ତା। ହେଲେ ମା'ଙ୍କ ଏଭଳି କାରନାମା ପାଇଁ ୭ ମାସର ଶିଶୁପୁତ୍ରକୁ ମଧ୍ୟ ହାଜତକୁ ଯିବାକୁ ପଡ଼ିଛି। ୭ ମାସ ତଳେ ସରସ୍ୱତୀ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଇତିମଧ୍ୟରେ ପଡ଼ୋଶୀ ଗୋବର୍ଦ୍ଧନ ମିର୍ଦ୍ଧାଙ୍କ ସହ ଗଢ଼ିଉଠିଥିଲା ତାଙ୍କର ସମ୍ପର୍କ। ଏଥିରେ କଣ୍ଟା ହୋଇଥିଲେ ମାନସ। ତେଣୁ ସ୍ୱାମୀଙ୍କୁ ରାସ୍ତାରୁ ସବୁଦିନ ଲାଗି ହଟାଇ ଦେବାକୁ ଯୋଜନା କରିଥିଲେ ସ୍ତ୍ରୀ ସରସ୍ୱତୀ ଏବଂ ପ୍ରେମିକ ଗୋବର୍ଦ୍ଧନ। ବୁଧବାର କୋର୍ଟରେ ସରସ୍ୱତୀଙ୍କ ଜାମିନ ନାମଞ୍ଜୁର ପରେ କୋମଳମତି ଶିଶୁଙ୍କୁ ଧରି ସେ ଜେଲ ହାଜତକୁ ଯାଇଥିବା ଜଣାପଡ଼ିଛି, ଯାହାକୁ ନେଇ ଅଞ୍ଚଳରେ ଏବେ ଚର୍ଚ୍ଚା ଜୋର୍ ଧରିଛି।

# ବିଶୋଧନ ହେଲା ଠାକୁରଗଡ଼ ଅଞ୍ଚଳ

**ବଇଣ୍ଡା, ୨୮।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ ଅଞ୍ଚଳକୁ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ବିଶୋଧନ କରାଯାଇଛି। ଠାକୁରଗଡ ଅଞ୍ଚଳରୁ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଠାକୁରଗଡ ଥାନା ପରିସର, ଏଟିଏମ୍ କାଉଣ୍ଟର, ଡାକ୍ତରଖାନା, ପଞ୍ଚାୟତ ଗୃହ, ବ୍ୟାଙ୍କ, ଆର୍‌ଆଇ ଅଫିସ ସହ ବଜାରକୁ ବିଶୋଧନ କରାଯାଇଛି। ସମସ୍ତ ବ୍ୟବସାୟୀଙ୍କୁ ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା ସହ କରୋନା କଟକଣା ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କୁ ଘରେ ରହିବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ସ୍ୱାବ୍ ଟେଷ୍ଟ କରାଇନେବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ



କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀମାନେ।

**ବଇଣ୍ଡା, ୨୮।୪(ଡି.ଏନ.ଏ.)**

ଆଠମଲ୍ଲିକ କ୍ରିମିନାଲ ବାର ଆସୋସିଏଶନ ପକ୍ଷରୁ ବୁଧବାର ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଅଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂଘ ସଭାପତି ଘନଶ୍ୟାମ ବେହେରା, ଅନ୍ୟତମ ଅତିଥି ସବ୍ୟସାଚୀ ସିଂ ସାମନ୍ତ, ସୁଧାଂଶୁ ଶେଖର ବେହେରା, ସୁଜିତ କୁମାର ବିଶ୍ୱାଳ, ସନ୍ତୋଷ କୁମାର ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ତାଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା।

# ଗ୍ୟାସ୍ ପାଇପ୍ ଲାଇନ କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

**ଛେଣ୍ଡିପଦା,୨୮।୪(ସ୍ୱ.ପ୍ର)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମ ଦେଇ ଯାଉଥିବା ଗ୍ୟାସ୍ ପାଇପ୍ ଲାଇନ୍ କାର୍ଯ୍ୟ ବନ୍ଦ କରିଛନ୍ତି କ୍ଷତିଗ୍ରସ୍ତ ପ୍ରଜା। ଗେଲ୍ ଇଣ୍ଡିଆ ପକ୍ଷରୁ ପାରାଦୀପ-ବୋକାରୋ ଗ୍ୟାସ ପାଇପ୍ ଲାଇନ ବିଛାଯିବା କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ କମ୍ପାନୀ ପକ୍ଷରୁ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉନାହିଁ। ଓଲଟି ଜୋରଜବରଦସ୍ତ କାମ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସଦଳବଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଗୁରୁବାର କମ୍ପାନୀ ପକ୍ଷରୁ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଜମି ଅନୁଧ୍ୟାନ କରାଯିବ। ଶୁକ୍ରବାରଠାରୁ ପୁଣି କାମ ଚାଲିବ। ଏହି କାର୍ଯ୍ୟରେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ପର୍ଯ୍ୟବେକ୍ଷଣ କାର୍ଯ୍ୟରେ ଗ୍ରାମବାସୀ ସହଯୋଗ ନ କଲେ ପୋଲିସ ଉପସ୍ଥିତିରେ ପାଇପ୍ ଲାଇନ କାର୍ଯ୍ୟ ଚାଲୁ ରହିବ ବୋଲି ଥାନାଧିକାରୀ କହିଛନ୍ତି।



ପାଇପ୍ ବିଛା କାର୍ଯ୍ୟବେଳେ ଉତ୍ତେଜନା।

# ବାରଣ୍ଡାରେ ପଡ଼ିରହିଲା ସଂକ୍ରମିତଙ୍କ ମୃତଦେହ

- ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ୱାଭାବିକ ପରିସ୍ଥିତି
- କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ

**ଅନୁଗୋଳ ଅଫିସ, ୨୮।୪**



ସଂକ୍ରମଣ ୱାର୍ଡ ବାରଣ୍ଡାରେ ପଡ଼ିଥିବା ମୃତଦେହ।

ଅନୁଗୋଳ ଜିଲା ଚିକିତ୍ସାଳୟରେ ବୁଧବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସଂକ୍ରମଣ ୱାର୍ଡ ବାରଣ୍ଡାରେ ଦୀର୍ଘସମୟ ଧରି ପଡ଼ି ରହିଥିବା ୩ ମୃତଦେହକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତଦେହଗୁଡ଼ିକ ଇତଃସ୍ତତ ଭାବେ ପଡ଼ିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଏଭଳି ଦୃଶ୍ୟ ଭୟର ବାତାବରଣ ସୃଷ୍ଟି କରିଥିଲା। କୋଭିଡ୍ ସମୟରେ ସ୍ୱାସ୍ଥ୍ୟ ବିଭାଗର ଏଭଳି ଦାୟିତ୍ୱହୀନ କାର୍ଯ୍ୟକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଏହି ଘଟଣା ଏବେ ସାରା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ସଂକ୍ରମଣ ୱାର୍ଡ ବାରଣ୍ଡାରେ ପଡ଼ିଥିବା ମୃତକଙ୍କ ମଧ୍ୟରୁ ଦୁଇଜଣ ପୁରୁଷ ଏବଂ ଜଣେ ମହିଳା। ମୃତ ମହିଳାଙ୍କ ଘର ଶିମିଳିପଡ଼ାରେ। ତାଙ୍କ ବୟସ ୭୪ ବର୍ଷ। ସେହିପରି ଅନ୍ୟ ଦୁଇଜଣ ପୁରୁଷଙ୍କ ମଧ୍ୟରୁ ଜଣେ ବଣ୍ଡଁରପାଳ ଥାନା ଗିରାଙ୍ଗ ଗ୍ରାମର ୫୬ ବର୍ଷୀୟ ବ୍ୟକ୍ତି ଏବଂ ଅନ୍ୟ ଜଣେ ତାଳଚେର ଅଞ୍ଚଳର ୮୯ ବର୍ଷୀୟ ବୃଦ୍ଧ ବୋଲି ଜଣାପଡ଼ିଛି। ସେମାନେ କରୋନାରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟର ସଂକ୍ରମଣ ୱାର୍ଡରେ ଚିକିତ୍ସିତ ହେଉଥିଲେ। ତେବେ ମୃତକମାନେ କରୋନାରେ ପ୍ରାଣ ହରାଇଥିବା ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। କରୋନାର ଭୟାବହତା ସମୟରେ ସ୍ୱାସ୍ଥ୍ୟ ବିଭାଗର ଏଭଳି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ଚାପା ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହାପରେ ମଧ୍ୟାହ୍ନରେ ଗୋଟିଏ ପରେ ଗୋଟିଏ ମୃତଦେହ ସ୍ଥାନୀୟ କରଡ଼ାଗାଡ଼ିଆ ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ କରାଯାଇଥିଲା।

କରୋନାରେ ସଂକ୍ରମିତ ହୋଇଥିବା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଲେ ମୃତଦେହକୁ ଶୀତତାପ ନିୟନ୍ତ୍ରିତ ସଂରକ୍ଷଣ ଗୃହରେ ରଖିବାକୁ ଯୋଜନା କରାଯାଇଥିଲା। ହେଲେ ଜିଲା ଚିକିତ୍ସାଳୟରେ ଏହା ହେଉ ନ ଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଅଭୟ କୁମାର ଦାଶଙ୍କ ସହ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏଭଳି ସମ୍ବେଦନଶୀଳ ଘଟଣା ତାଙ୍କ ନଜରକୁ ଆସିଛି। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ, ସେଥିଲାଗି ସିଡିଏମ୍‌ଓଙ୍କୁ କୁହାଯାଇଛି।

